# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 25 October – 2025

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମାସିକ ରେଡିଓ କାର୍ଯ୍ୟକ୍ରମ ଆକାଶବାଣୀର ମନ୍ କି ବାତ୍‌ରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ତାଙ୍କର ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ ହେବ। ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ରାଜ୍ୟପାଳ

ରାଜ୍ୟରେ ନବୀକରଣୀୟ ଶକ୍ତି ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ସୁଦୃଢ କରିବା ପାଇଁ କ୍ଷୁଦ୍ର ସୌରଶକ୍ତି ଉତ୍ପାଦନ ୟୁନିଟ୍ ସ୍ଥାପନ ଜରୁରୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ରାଜଭବନର ନ୍ୟୁ ଅଭିଷେକ ହଲଠାରେ ଗତକାଲି ଶକ୍ତିବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରି ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ରାଜ୍ୟପାଳ କହିଛନ୍ତି । ବୈଠକରେ ରାଜ୍ୟରେ ଶକ୍ତି କ୍ଷେତ୍ରରେ ସଂସ୍କାର, ଚାହିଦା ଓ ଯୋଗାଣର ସ୍ଥିତି, ଚୁକ୍ତିଭିତ୍ତିକ କ୍ଷମତା ମିଶ୍ରଣ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସମୀକ୍ଷା କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ-କଳାମଣ୍ଡଳ

ଭୁବନେଶ୍ୱରଠାରେ ନିର୍ମାଣଧୀନ ଓଡିଶାର ସର୍ବବୃହତ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ଗତକାଲି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସମୀକ୍ଷା କରିଛନ୍ତି । ସୈନିକ ସ୍କୁଲ ନିକଟରେ ୯ଦଶମିକ ୮/୫ ଏକର ଜମି ଉପରେ ନିର୍ମାଣଧୀନ ଏହି ପ୍ରେକ୍ଷାଳୟ ପାଇଁ ୧୭୩କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦୁଝର ଜିଲ୍ଲାରେ ହେବାକୁ ଥିବା ୬ଟି କ୍ରୀଡା ପ୍ରକଳ୍ପର ଭିତ୍ତିଭୂମି ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି ।

# କନଷ୍ଟେବଳ ନିଯୁକ୍ତି

ରାଜ୍ୟରେ ଖାଲି ପଡିଥିବା ୪ହଜାର ୨୧୯ଟି କନଷ୍ଟେବଳ  ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ । ରାଜ୍ୟ ପୋଲିସ  ମୁଖ୍ୟାଳୟର ଏହି ପ୍ରସ୍ତାବକୁ ସରକାର ଅନୁମୋଦନ ଦେଇଛନ୍ତି । ଏ ସମ୍ପର୍କରେ ଗୃହ ବିଭାଗ ପୋଲିସ ଡିଜିଙ୍କୁ ଚିଠି ଲେଖି ଅବଗତ କରାଇଥିବା ବେଳେ ଆବଶ୍ୟକ ନିୟମାବଳୀ ପାଳନ କରି ନିଯୁକ୍ତି ଦିଆଯିବ ।

# ନୂଆପଡା ଉପନିର୍ବାଚନ

ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ଗତକାଲି ନାମାଙ୍କନପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି । ଯାଞ୍ଚପରେ ୧୪ଜଣଙ୍କର ପ୍ରାର୍ଥିପତ୍ର ବୈଧ ରହିଛି । ଉପନିର୍ବାଚନ ନେଇ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡାନ୍ତ ପ୍ରାର୍ଥୀତାଲିକା ପ୍ରକାଶିତ ହେବା ସହ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଚିହ୍ନ ପ୍ରଦାନ କରାଯାଇଛି ।

# ଉପମୁଖ୍ୟମନ୍ତ୍ରୀଙ୍କ ନୂଆପଡା ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗତକାଲିଠାରୁ ଦୁଇଦିନିଆ ନୂଆପଡା ଜିଲ୍ଲା ଗସ୍ତରେ ଯାଇଛନ୍ତି । ଗସ୍ତ ସମୟରେ ଶ୍ରୀମତୀ ପରିଡା ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

# କଳାକାର ଦିବସ

କଳାକାରଙ୍କ ସୃଜନଶୀଳତା ଏବଂ କଳାର ଗୁରୁତ୍ୱକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ପ୍ରତ୍ୟେକବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ କଳାକାର ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି, 'ପ୍ରକାଶନର ଏକ ଉଦ୍ୟାନ, କଳାମାଧ୍ୟମରେ ସମ୍ପ୍ରଦାୟକୁ ସଜାଡିବା ।' ଆଜିର ଦିନରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ, କର୍ମଶାଳା, ବିତର୍କ ଏବଂ କଳାକାରଙ୍କୁ ସମର୍ଥନ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

# ସାଧନକେନ୍ଦ୍ର ରଥ

କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗତକାଲି ଜିଲ୍ଲାପାଳ ରଘୁରାମ ଆର. ଆୟର ଭ୍ରାମ୍ୟମାଣ ସାଧନକେନ୍ଦ୍ର ରଥର ଶୁଭାରମ୍ଭ କରିଥିଲେ । ଏହି ରଥ ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଜନସାଧାରଣଙ୍କୁ ସୁରକ୍ଷିତ ପ୍ରବାସ ଏବଂ ସରକାରଙ୍କ କଲ୍ୟାଣମୂଳକ  ଯୋଜନା ସମ୍ପର୍କରେ ସଚେତନ କରାଇବ ।

# ଶିଶୁ କ୍ରୀଡା ଉତ୍ସବ

ନୟାଗଡ ଜିଲ୍ଲା ଷ୍ଟାଡିୟମଠାରେ ଶିଶୁ କ୍ରୀଡା ଉତ୍ସବ ଉତ୍ସାହ ଅନୁଷ୍ଠିତ ହୋଇଯାଇଛି । ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ବିଭିନ୍ନ ଶିଶୁଗୃହରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

# ଦୁର୍ନୀତି ନିବାରଣ ସପ୍ତାହ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା । ଆସନ୍ତା ସୋମବାରଠାରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯିବ ।

ସେହିଭଳି ନାରୀ ହିଂସାରୁ ସୁରକ୍ଷା ଅଧିନିୟମ ଆଇନ-୨୦୦୫କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନାରୀ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ସାଇବର ସୁରକ୍ଷା

ମାଲକାନଗିରି ଜିଲ୍ଲା ସଂସ୍କୃତି ଭବନଠାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଜନସାଧାରଣଙ୍କ ମଧ୍ୟରେ ଇଣ୍ଟରନେଟ ବ୍ୟବହାର ସମୟରେ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

ଖୋର୍ଦ୍ଧା ଜିଲ୍ଲା ଜୟୀରାଜଗୁରୁ ଟାଉନ ହଲ୍‌ଠାରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନରେ ଜନସାଧାରଣଙ୍କୁ ସାଇବର ଠକାମୀର ନିଜକୁ ନିବୃତ୍ତ ରଖିବା ପାଇଁ ଜିଲ୍ଲାପାଳ ସଚେତନ କରାଇଥିଲେ । ଏହା ସହ ୧୯୩୦ ନିଶୁଳ୍କ ମୋବାଇଲ ସେବା ଏବଂ cybercrime.gov.inରେ ରିପୋର୍ଟ ପାଇଁ ପରାମର୍ଶ ଦେଇଥିଲେ ।

ନବରଙ୍ଗପୁର ଜିଲ୍ଲା ପୋଲିସ ପକ୍ଷରୁ ଉମରକୋଟରେ ଏକ ସାଇବର ଶୋଭାଯାତ୍ରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ପାଣିପାଗ

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ଆଜି ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ସୁଦ୍ଧା ଗଭୀର ଅବପାତ ଏବଂ ସୋମବାର ଦିନ ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏହା ବାତ୍ୟାରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଏହାର ପ୍ରଭାବରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ବର୍ଷାଜନିତ ପରିସ୍ଥିତି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି

**- V/O -**